ବଣମଲ୍ଲୀର ମହକ
CC BY-NC-SA 4.0 VOL.02 - ISSUE.01 - JANUARY 2026

# ତୁମେ ପ୍ରେମରଙ୍ଗର ରାଣୀ

**ସୌମ୍ୟ ରଞ୍ଜନ ନନ୍ଦ**



ତୁମକୁ ଆଙ୍କିଛି ମୋ ମନଭିତରେ
ପ୍ରେମର ରଙ୍ଗକୁ ଦେଇ,
ହୃଦୟରେ ବସ ସ୍ୱପ୍ନର ଆସନେ
ପ୍ରେମ ରଙ୍ଗରାଣୀ ହୋଇ ॥୧॥

ତୁମ ରୂପରାଶି ତୂଳୀ ଭାବେ ବସି
କେଉଁ ରଙ୍ଗ ଲଗେଇବି,
ସାତରଙ୍ଗ ପରା ଫିକା ପଡିଯିବ
ପ୍ରେମରଙ୍ଗ ବୋଲିଦେବି ॥୨॥

ତୁମ ତନୁମନ ପ୍ରସନ୍ନ ବଦନ
ଅପଲକ ରୂପରାଣୀ,
ଅଧର ମଧୁର ଭାଙ୍ଗି ପାରାବାର
ସ୍ୱପ୍ନ ମୋର ନେଲ ଟାଣି ॥୩॥

ତୁମ ନାଲି ଓଠ ମଧୁବୋଳା ହସ
ଲାଜକୁଳୀ ମୃଗନୟନା,
ଅପୂର୍ବ ସୁନ୍ଦରୀ ସ୍ୱର୍ଗ ଅପସରୀ
ହଜିଯାଏ ରଙ୍ଗ ଚେତନା ॥୪॥

ତୁମ ସରି ନୁହଁ ସାତରଙ୍ଗ ତୂଳୀ
ସାତରଙ୍ଗ ମାଖିଦେବି,
ସାତ ରଙ୍ଗରାଣୀ ଲାଜର ରାଗିଣୀ
ପ୍ରେମରଙ୍ଗେ ରଙ୍ଗେଇବି ॥୫॥

ତୁମପାଇଁ ଧରି ସ୍ୱପ୍ନରଙ୍ଗ ତୂଳୀ
ତୁମକୁ ରହିବି ଚାହିଁ,
ନିଶିଥ ରାତ୍ରେ ସ୍ୱପ୍ନ ରାଜପଥେ
ଦେଖଦେବୁ ଚାନ୍ଦମୁହିଁ ॥୬॥

**କେନ୍ଦୁଝର, ଓଡିଶା**
**ଦୂରଭାଷ - ୯୫୮୩୭୦୧୫୩୧**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*